## ସାହିତ୍ୟ ଏକାଡେମୀର ଯୁବ ପୁରସ୍କାର ପ୍ରାପକ ସମ୍ମିଳନୀ

# ଯୁବ ଲେଖକଙ୍କ ଭିତରେ ରହିଛି ପ୍ରଚୁର ସୃଜନଶୀଳତା

■ ଭୁବନେଶ୍ୱର, ଜାନୁ ୧୩(ପିଏନଏସ)

ସୋମବାର ସ୍ଥାନୀୟ ବୁଦ୍ଧ ମନ୍ଦିର ସଭାଗୃହରେ କେନ୍ଦ୍ର ସାହିତ୍ୟ ଏକାଡେମୀ ତରଫରୁ ଯୁବ ପୁରସ୍କାର ପ୍ରାପକ ସମ୍ମିଳନୀ ଆୟୋଜିତ ହୋଇଛି। ଏଥିରେ ସାହିତ୍ୟ ଏକାଡେମୀର ଉପସଭାପତି ପ୍ରଫେସର କୁମୁଦ ଶର୍ମା ଅଧ୍ୟକ୍ଷତା କରିଥିଲେ। ସ୍ୱାଗତ ଭାଷଣରେ ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସରାଓ ଯୁବ ଲେଖକମାନଙ୍କ ସୃଜନଶୀଳତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥି ସହିତ ସେ କାର୍ଯ୍ୟକ୍ରମରେ ଯୋଗ ଦେଇପାରି ନଥିବା ସଂସ୍କୃତ ଭାଷାର ପୁରସ୍କାର ପ୍ରାପକ ମୁନି ପାର୍ଶ୍ୱସୁନ୍ଦର ବିଜୟଙ୍କ ଭାଷଣ ପାଠ କରିଥିଲେ। ସଭାପତିତ୍ୱ ଅଭିଭାଷଣରେ ପ୍ରଫେସର ଶର୍ମା କହିଥିଲେ ଯେ, ଯୁବ ଲେଖକମାନଙ୍କ ମଧ୍ୟରେ ପ୍ରଚୁର ସୃଜନଶୀଳତା ରହିଛି। ସେମାନେ ନିଜ ନିଜ ଅନୁଭୂତି ଏବଂ ଅନୁଭବକୁ ଖୁବ ସୁନ୍ଦର ଭାବରେ ସାହିତ୍ୟ ମାଧ୍ୟମରେ ପରିପ୍ରକାଶ କରୁଛନ୍ତି।

ଉପସ୍ଥିତ ଥିବା ୨୩ଟି ଭାଷାର ଯୁବ




ଲେଖକ ଲେଖିକା ନିଜ ନିଜର ସାରସ୍ୱତ ଅନୁଭୂତି ପ୍ରକାଶ କରିଥିଲେ। ନୟନଜ୍ୟୋତି ଶର୍ମା (ଅସମିଆ) କହିଥିଲେ ଯେ, ଦିନେ ଅନୁକରଣରୁ ଆରମ୍ଭ ହୋଇଥିବା ସାହିତ୍ୟ ରଚନା ଏବେ ତାଙ୍କର ନିଶା ପାଲଟିଯାଇଛି। ଆସାମରେ ରହୁଥିବା ସ୍ୱତପା ଚକ୍ରବର୍ତ୍ତୀ (ବଙ୍ଗଳା) ବଙ୍ଗଳା କବିତା ପୁସ୍ତକ ଲାଗି ଯୁବ ପୁରସ୍କାର ଲାଭ କରିଥିବାରୁ କୃତଜ୍ଞତା ପ୍ରକାଶ କରିଥିଲେ। ସେଲ୍ମା ମେଡ ରାଣୀ ବୋଡ଼ୋ (ବୋଡ଼ୋ) କାହାଣୀ କହିବା ଓ ନିଜ ସମ୍ପ୍ରଦାୟର ସ୍ୱରକୁ ଶାଣିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସଞ୍ଜୟ କୁମାର ପଣ୍ଡା (ଓଡ଼ିଆ) ପୁରସ୍କାର ପାଇଁ କୃତଜ୍ଞତା ପ୍ରକାଶ କରିବା ସହ ତାଙ୍କ ସାହିତ୍ୟ ଯାତ୍ରାରେ ତାଙ୍କ ଗ୍ରାମ ଜୀବନର ପ୍ରଭାବକୁ ରେଖାଙ୍କିତ କରିଥିବା ବେଳେ ଆଉ ଅନ୍ୟାନ୍ୟ ଭାଷାର କବିମାନେ ନିଜନିଜର ଜୀବନଯାତ୍ରା କଥା କହିବା ସହ ସାରସ୍ୱତ ସାଧନାର ଅନୁଭୂତି ପ୍ରଦାନ କରିଥିଲେ। ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ ଶ୍ରୀନିବାସରାଓ ଧନ୍ୟବାଦ ଦେଇଥିଲେ।